ନିତିଦିନ
NITIDIN

02nd July 2020

# ଆଇଆଇଟିରେ ଅନ୍‌ଲାଇନ୍‌ରେ ହେଲା ଶେଷ ସେମିଷ୍ଟର ପରୀକ୍ଷା

**କଟଣୀ, ୧୭/ଏନ୍‌ଏନ୍‌ଏସ୍:** ମହାମାରୀ କରୋନା ସଂକ୍ରମଣରେ ସାରା ବିଶ୍ୱ ଭୟଭୀତ ହୋଇପଡ଼ିଥିବା ବେଳେ ଶିକ୍ଷା ବ୍ୟବସ୍ଥା ଉପରେ ଏହାର ବିଶେଷ ପ୍ରଭାବ ପଡ଼ିଛି । ଅନ୍‌ଲାଇନ୍ ଶିକ୍ଷାଦାନ ଏବେ ପାଠପଢ଼ାର ମାଧ୍ୟମ ପାଲଟିଛି । ତେବେ ମଧ୍ୟ ଅନେକ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଯୋଗ ହୋଇ ଆସୁଛି । ମାତ୍ର କଟଣୀର ଅରଗୁଲ୍ଠାରେ ଥିବା ଆଇଆଇଟିରେ ଆଜି ଅନ୍‌ଲାଇନ୍ ମାଧ୍ୟମରେ ହୋଇଥିବା ଶେଷ ସେମିଷ୍ଟାର ପରୀକ୍ଷାରେ ଶତପ୍ରତିଶତ ପରୀକ୍ଷାର୍ଥୀ ଭାଗନେବା ଏକ ବିରଳ ଘଟଣା ବୋଲି ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍‌ଭି ରାଜା କୁମାର କହିଛନ୍ତି । ଆଇଆଇଟିରେ ଆୟୋଜିତ ଶେଷ ବର୍ଷର ସେମିଷ୍ଟାର ପରୀକ୍ଷା ଜୁନ୍ ୨୪ରୁ ଆରମ୍ଭ ହୋଇଥିବା ବେଳେ ଶତପ୍ରତିଶତ ଛାତ୍ରଛାତ୍ରୀ ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା ଦେଇଥିବା ଆଇଆଇଟି ପକ୍ଷରୁ ସୂଚନା ଦିଆଯାଇଛି । ଏହି କ୍ରମରେ ବିଟେକ୍ ପାଇଁ ୨୦୬ ଜଣ, ଡୁଆଲ ଡିଗ୍ରୀରେ ୩୬ଜଣ, ଏମ୍‌ଏସ୍‌ସିରେ ୭୫ଜଣ, ଏମ୍‌ଟେକ୍‌ରେ ୧୬୭ ଜଣ, ପିଏଚ୍‌ଡିରେ ୪୨ଜଣ ପରୀକ୍ଷାର୍ଥୀଙ୍କୁ ମିଶାଇ ମୋଟ ୫୨୬ ଜଣ ପରୀକ୍ଷା ଦେଇଥିଲେ । ଅନ୍‌ଲାଇନ୍ ପରୀକ୍ଷା ପାଇଁ ଉପଲବ୍ଧ ସିଷ୍ଟମଗୁଡ଼ିକୁ ସାଧାରଣତଃ କମ୍ପ୍ୟୁଟର ଆଧାରିତ ପରୀକ୍ଷା ପାଇଁ ଡିଜାଇନ୍ କରାଯାଇଥିଲା । ଛାତ୍ରଛାତ୍ରୀଙ୍କୁ ନିରପେକ୍ଷତାର ସହିତ ପରୀକ୍ଷା ଦେବାକୁ ଅନୁଷ୍ଠାନ ଏକାଧିକ ବିକଳ୍ପ କରିଥିଲା । ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ସ୍ତରର ଟେକ୍ନୋଲୋଜି ଆକ୍ସେସ୍ ରହିଥିବା ବେଳେ ଏମାନଙ୍କ ପାଇଁ ଦୁଇଟି ପରୀକ୍ଷା ସ୍ଥିର କରାଯାଇଛି । ହେଲେ ଏମାନେ ପ୍ରଥମ ସ୍ତରରେ ଶତପ୍ରତିଶତ ଅଂଶଗ୍ରହଣ କରିଥିଲେ ବୋଲି ନିର୍ଦ୍ଦେଶକ କହିଛନ୍ତି ।